# Akashvani, Sambalpur

## SAMBALPURI NEWS EVENING BULLETIN

## 28 April 2025- 7.02 pm- 7.12 pm.

*******************************************

୧- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର୍ ରାଷ୍ଟ୍ରପତି ଭବନ୍ ଠାନେ ଏଛେନ୍ ପ୍ରଦାନ୍ କରୁଛନ୍ ପଦ୍ମ ସମ୍ମାନ୍ ।

- ୧୯ ଟା ବର୍ଗଥି ଶହେ ୩୯ ଝନ୍‌କୁ ଦିଆଯାଉଛେ ପଦ୍ମ ପୁରସ୍କାର୍ ।

୨- ପେହେଲ୍‌ଗାମ୍ ଆତଙ୍କବାଦୀ ଆକ୍ରମଣ୍‌କେ ନେଇକରି ପ୍ରଧାନ୍‌ମନ୍ତ୍ରୀ ଆଉ ପ୍ରତିରକ୍ଷା ମନ୍ତ୍ରୀଙ୍କର୍ ଅନୁଷ୍ଠିତ୍ ହେଇଛେ ବୈଠକ୍ ।

୩- ଉତ୍କଳ ଗୌରବ ମଧୁସୂଦନ୍ ଦାସ୍‌ଙ୍କର୍ ଆଏଜ୍ ଶହେ ୭୭ ତମ ଜୟନ୍ତୀ - ଶ୍ରଦ୍ଧାଞ୍ଜଳି ଦେଲେ ରାଜ୍ୟବାସୀ ।

୪- ଓଡ଼ିଆ ସିନ୍‌ମା ଆଏଜ୍ ୮୯ ବଛ୍‌ରେ ଥାପିଛେ ପାହା ।

- ୧୯୩୬ ମସିହା ଆଝିର୍ ଦିନେ ପହେଲା ଓଡ଼ିଆ ସିନ୍‌ମା ସୀତା ବିବାହର ହେଇଥିଲା ପୁରୀଠାନେ ମୁକ୍ତିଲାଭ ।

ଆଉର୍

୫- କାଲ୍‌ବୈଶାଖୀର୍ ବଲେ ଆଏବା ୫ ଦିନ୍‌ତକ୍ ଲାଗି ରହେବା ଧୁକାଗର୍ଡ଼ି ସହେତେ ବର୍ଷା ।

ପଦ୍ମ ପୁରସ୍କାର      ଏନ୍ଏସ୍ଡି

ରାଷ୍ଟ୍ରପତି ଭବନ୍ ନ ପଦ୍ମ ପୁରସ୍କାର୍ ପ୍ରଦାନ୍ ସମାରୋହ ଏଛେନ୍ ଜାରି ରହିଛେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭିନ୍ ଭିନ୍ କ୍ଷେତ୍ରଥି ଉଲ୍ଲେଖନୀୟ ଅବଦାନ୍ ହାସଲ୍ କରିଥିବା ୧୯ ଟା ବର୍ଗଥି ଶହେ ୩୯ ଝନ୍କୁ ସମ୍ମାନ୍ଜନକ୍ ପଦ୍ମ ପୁରସ୍କାର୍ ପ୍ରଦାନ୍ କରୁଛନ୍ । ଗଲା ସାଧାରଣତନ୍ତ୍ର ଦିବସ୍ ଅବ୍ସରେ ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଆଉ ପଦ୍ମଶ୍ରୀ ସମ୍ମାନ୍ ଲାଗି ଇ ବିଶିଷ୍ଟ ବ୍ୟକ୍ତିମାନ୍କର୍ ନାଁ ଘୋଷ୍ନା କରାଯାଇଥିଲା । ରାଷ୍ଟ୍ରପତି ଭବନ୍ ନ ଚାଲିଥିବା ସମ୍ମାନ୍ ସମାରୋହଥି ଉପରାଷ୍ଟ୍ରପତି ଜଗ୍ଦୀପ୍ ଧନ୍ଖଡ୍, ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ସହେତେ ମନ୍ତ୍ରୀପରିଷଦ୍ର ସଦସ୍ୟମାନେ ଉପସ୍ଥିତ୍ ଅଛନ୍ ।

ପ୍ରଧାନ୍ମନ୍ତ୍ରୀ- ପ୍ରତିରକ୍ଷା ମନ୍ତ୍ରୀ      ଏନ୍ଏସ୍ଡି

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆଏଜ୍ ତାଙ୍କର୍ ଆବାସିକ୍ କାର୍ଯ୍ୟାଲୟ ନ ପ୍ରତିରକ୍ଷା ମନ୍ତ୍ରୀ ରାଜ୍ନାଥ୍ ସିଂ ଭେଟିଛନ୍ । ୪୦ ମିନିଟ୍ ଧରି ହେଇଥିବା ବୈଠକ୍ଥି ପେହେଲ୍ଗାମ୍ ଆତଙ୍କବାଦୀ ଆକ୍ରମଣ୍ ଘଟ୍ନା ଉତ୍ରୁ ପ୍ରତିରକ୍ଷା ମନ୍ତ୍ରଣାଳୟ ତର୍ଫୁ ନିଆଯାଇଥିବା ଭିନ୍ ଭିନ୍ ପଦକ୍ଷେପ୍

ବାବ୍ଦେ ପ୍ରଧାନ୍ମନ୍ତ୍ରୀଙ୍କର୍ ସଙ୍ଗେ ଶ୍ରୀ ସିଂ ଆଲୋଚନା କରିଛନ୍ ।

ପାକିସ୍ତାନ୍ ନାଗରିକ୍ ଦେଶ ଛାଡ଼ିଲେ ଆର୍ଏନ୍ୟୁ/ କଟକ୍

ରାଏଜେ ଥିବା ୧୨ ଜନ୍ ପାକିସ୍ତାନୀ ନାଗରିକଙ୍କର୍ ଭିତ୍ରୁ ଜନେ ଆଏଜ୍ ଦେଶ୍ ଛାଡ଼ିଥିବାର୍ କଥା ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ କହିଛନ୍ । ଯେନ୍ମାନେ ଲମ୍ବା ସମିଆ ଲାଗି ଭିସା ପାଇଛନ୍ କି ଯେନ୍ମାନ୍କର୍ ଆବେଦନ୍ ବିଚାରାଧୀନ୍ ରହିଛେ । ସେ ମାମ୍ଲାମାନ୍କର୍ ଲାଗି ଆଏବା ନିର୍ଦ୍ଦେଶ୍ନାମାତକ୍ ଅଟ୍କିବାର୍ ଲାଗି ଶ୍ରୀ ଖୁରାନିଆ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ପେହେଲ୍ଗାମ୍ ଆତଙ୍କ୍ବାଦୀ ଆକ୍ରମଣ୍ ଉତ୍ରୁ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କର୍ ନିର୍ଦ୍ଦେଶ୍ ଅନ୍ସାରେ ପାକିସ୍ତାନୀ ନାଗରିକ୍ମାନ୍କୁ ଚିହ୍ନଟ୍ କରାଯାଇକରି ଦେଶ୍ ଛାଡ଼୍ବାର୍ ଲାଗି କୁହାଯାଇଛେ ।

ବିଦେଶୀ ମାନ୍କର୍ ରାସନନ୍କାର୍ଡ଼ ରଦ୍ଦ ହି.ସ.

ଓଡ଼ିଶାନ ରହିକରି ବେଆଇନ୍ ଭାବେ ରାସନ୍ କାର୍ଡ ଆଉ ଆଧାର୍ କାର୍ଡ ହାସଲ୍ କରିଥିବା ପାକିସ୍ତାନୀ,

ବାଂଲାଦେଶୀ, ମ୍ୟାଁମାରର ନାଗରିକମାନଙ୍କୁ ଚିହ୍ନଟ୍ କରାଯାଇ କରି କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ସେମାନଙ୍କର କାର୍ଡ ମାନ୍‌କୁ ରଦ୍ଦ କରାଯିବା ବଲି ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍, ବେଆଇନ୍ ଭାବେ ସରକାରୀ ସୁବିଧା ପାଉଥିବା ବିଦେଶୀ ନାଗରିକମାନଙ୍କୁ ଚିହ୍ନଟ୍ କର୍‌ବାର ଲାଗି ସରକାର ନିର୍ଦ୍ଦେଶ ଦେଇଛନ୍ । ସେମାନଙ୍କୁ ଖୁଜିକରି ରାସନ୍ କାର୍ଡ ରଦ୍ଦ କର୍‌ବାର ଲାଗି ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛେ ।

ମଧୁସୂଦନ୍ ଦାସ୍ ଜୟନ୍ତୀ/ଆର୍‌ଏନ୍‌ୟୁ ସମ୍ବଲପୁର୍/ବଲାଙ୍ଗିର୍/ନୂଆପଡ଼ା/କଲାହାଣ୍ଡି/ଦେବ୍‌ଗଡ଼୍/ସୁବର୍ଣ୍ଣପୁର

ଉତ୍କଳ ଗୌରବ ମଧୁସୂଦନ୍ ଦାସ୍‌ଙ୍କର୍ ଶହେ ୭୭ ତମ ଜୟନ୍ତୀ ଅବ୍‌ସରେ ଆଏଜ୍ ତାଙ୍କୁ ସୁର୍‌ତା କରିକରି ତାଙ୍କର୍ ଜନମ୍ ମାଏଟ୍ କଟକ୍ ସହେତେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ କାର୍ଯ୍ୟକ୍ରମ୍ ମାନ୍ କରାଯାଉଛେ ।

ବିଧାନ୍‌ସଭା ପରିସର୍ ନ ଉତ୍କଳ ଗୌରବ ମଧୁସୂଦନ୍ ଦାସ୍‌ଙ୍କର୍ ଜୟନ୍ତୀ ପାଲନ୍ ଅବ୍‌ସରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ଜଙ୍ଗଲ୍

ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ପ୍ରମୁଖ ଯୋଗ୍ ଦେଇକରି ମଧୁବାବୁଙ୍କର୍ ପ୍ରତିମୂର୍ତିଥି ଫୁଲ୍ମାଲ୍ ଦେଇଥିଲେ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍, ମଧୁବାବୁ ଥିଲେ ଓଡ଼ିଆ ଜାତିର୍ ଗର୍ବ ଆଉ ଗୌରବ୍ର ପ୍ରତୀକ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ୍ ଗଠନ୍ଥି ମଧୁବାବୁଙ୍କର୍ ଭୂମିକା ବହୁତ୍ ଗୁରୁତ୍ୱପୂର୍ଣ୍ଣ ଥିଲା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସାମାଜିକ୍ ଗଣମାଧମ୍ ଜରିଏ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ୍ ନିର୍ମାଣ୍ର ଝନେ ସୁଦକ୍ଷ ବିନ୍ଧାଣୀ ଉତ୍କଳ ଗୌରବ୍ ମଧୁସୂଦନ୍ ଦାସ୍ଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ଆଏଜ୍ ବେଲ୍ବୁଡ଼େ ମଧୁସୂଦନ୍ ଦାସ୍ଙ୍କର୍ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମ୍ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ମଧୁବାବୁଙ୍କର୍ ଜୟନ୍ତୀ ଆଉ ଆଇନ୍ଜୀବୀ ଦିବସ୍ ଅବ୍ସରେ ବଲାଙ୍ଗିର୍ ସିଭିଲ୍ କୋର୍ଟ ପରିସର୍ ନ ଜିଲ୍ଲା ଓକିଲ୍ ସଂଘ ତର୍ଫୁ ମଧୁବାବୁ ଜୟନ୍ତୀ ଆଉ ଅଧିବକ୍ତା ଦିବସ୍ ପାଲିତ୍ ହେଇଯାଇଛେ । ଜିଲ୍ଲା ଓକିଲ୍ ସଂଘର୍ ସଭାପତି ବାସୁଦେବ୍ ରଥଙ୍କର୍ ସଭାପତିତ୍ୱଥି ହେଇଥିବା କାର୍ଯ୍ୟକ୍ରମ୍ଥି ବହୁତ୍ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ୍ ଦେଇକରି ମଧୁବାବୁଙ୍କର୍ ଜୀବନ୍ ଆଦର୍ଶ ଉପ୍ରେ ଆଲୋଚନା କରିଥିଲେ ।

ନୂଆପଡ଼ା ଜିଲ୍ଲା ଏବିପି ସମ୍ମିଳନୀ କକ୍ଷ ନ ଜିଲ୍ଲା ସିଭିଲ୍ ବାର୍ ଏସୋସିଏସନ୍ ତର୍ଫୁ ମଧୁବାବୁ ଜୟନ୍ତୀ ଆଉ ଆଇନ୍‌ଜୀବୀ ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଓଡ଼ିଶା ହାଇକୋର୍ଟର ଆଘର୍ ବିଚାର୍‌ପତି ଜଷ୍ଟିସ୍ ରଘୁବୀର୍ ଦାସ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମଧୁବାବୁ ଓଡ଼ିଆ ଜାତିର୍ ପରିଚୟ ଆର୍ ଆଇନ୍‌ଜୀବୀମାନ୍‌କର୍ ନୀତି ଆଦର୍ଶର୍ ପ୍ରତିକ ବଲି କହିଥିଲେ ।

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ଟାଉନ୍‌ହଲ୍ ଠାନେ ଅନ୍ତର୍ଜାତୀୟ ସମବାୟ ବଛର୍ ୨୦୨୫ ଉତ୍ସବ୍ ପାଲିତ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ୍ ତନ୍ମୟ ଦର୍ୱାନ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଜୁନାଗଡ଼୍ ବିଧାୟକ୍ ଦିବ୍ୟଶଙ୍କର୍ ମିଶ୍ର, ଧର୍ମଗଡ଼୍ ବିଧାୟକ୍ ସୁଧୀର୍ ରଞ୍ଜନ୍ ପାଟଯୋଷୀଙ୍କର୍ ସହେତେ ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍ ଦେଇକରି ମଧୁବାବୁଙ୍କର୍ ଫଟୋଚିତ୍ରଥି ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଜିଲ୍ଲାର୍ ସର୍ବାଙ୍ଗିଁର୍ ବିକାଶ୍ ଲାଗି ସମ୍‌କର୍ ସହଯୋଗ୍ ଆଉ ସମବାୟ ଆନ୍ଦୋଳନ୍‌ର ଭୂମିକା ବାବ୍‌ଦେ ଅତିଥିମାନେ କହିଥିଲେ ।

ଦେବ୍‌ଗଡ଼୍ ବିଜୁ ପଟ୍ଟନାୟକ୍ ପ୍ରେକ୍ଷାଳୟ ଠାନେ ଅନ୍ତର୍ଜାତୀୟ ସମବାୟ ବର୍ଷ ଆଉ ମଧୁବାବୁ ଜୟନ୍ତୀ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ

ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସ୍ୱତନ୍ତ୍ର ଓଡ଼ିଶା ଗଠନ୍ ଦିଗେ ମଧୁବାବୁଙ୍କର୍ ଭୂମିକା ଆଉ ସମବାୟ ଆନ୍ଦୋଲନ୍ ବାବ୍‌ଦେ କହିଥିଲେ ।

ସୁବର୍ଣ୍ଣପୁର୍ ଜିଲ୍ଲା ଓକିଲ୍ ସଂଘ ତର୍‌ଫୁ ଆଇନ୍‌ଜୀବୀ ଦିବସ୍ ଆଉ ମଧୁବାବୁ ଜୟନ୍ତୀ ପାଲିତ୍ ହେଇଯାଇଛେ । ଜିଲ୍ଲା ଓକିଲ୍ ସଂଘର୍ ସଭାପତି ପ୍ରଦୀପ୍ ପୁରୋହିତ୍‌ଙ୍କର୍ ସଭାପତିତ୍ୱଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ବରିଷ୍ଠ ଆଇନ୍‌ଜୀବୀ ମାନେ ଲୁକ୍‌କୁ ଆଇନ୍ ସହାୟତା ଯୁଗେଇ ଦେବାର୍ ଦିଗେ ସାମାଜିକ୍ ଅନୁଷ୍ଠାନ୍‌ମାନ୍‌କର୍ ଭୂମିକା ଆଉ ଆଇନ୍‌ର ଭିନ୍ ଭିନ୍ ଦିଗ୍ ଉପ୍‌ରେ ଆଲୋଚନା କରାଯାଇଥିଲା ।

ଓଡ଼ିଆ ସିନ୍‌ମାକେ ୯୦ ବଛର୍ ଏକ୍ସ

ଓଡ଼ିଆ ସିନ୍‌ମା ଆଏଜ୍ ୮୯ ବଛର୍‌କେ ପାହା ଥାପିଛେ । ୧୯୩୬ ମସିହା ଆଝିରର୍ ଦିନେ ପହେଲା ଓଡ଼ିଆ ସିନ୍‌ମା ସୀତା ବିବାହ ପୁରୀ ଲକ୍ଷ୍ମୀ ଟକିଜ୍ ଠାନେ ମୁକ୍ତିଲାଭ କରିଥିଲା । ସେଦିନୁ ଆଏଜ୍‌ତକ୍ ଓଡ଼ିଆ ସିନ୍‌ମା ନୂଆଁ ପ୍ରଯୁକ୍ତି, କାହାଣୀ, ବିବିଧତା ଆର୍ ବୈଶ୍ୱିକ ପରିଚୟ ସହେତେ ଆଗ୍‌କେ ବଢୁଛେ । ଓଡ଼ିଆ ସିନ୍‌ମା ପ୍ରକୃତ୍ ଭାବେ ଓଡ଼ିଶାର୍ ସାଂସ୍କୃତିକ୍ ଗରିମା, ଲୋକ୍

ଜୀବନ୍‌ର କଥା ଆର୍ ସମାଜ୍‌ର ଭାବ୍‌ନାକେ ରୂପେଲି ପର୍ଦ୍ଦାଥି ଅମର୍ କରିଛେ । ଇନ ଜନେଇ ଦିଆଯାଇପାରେ ଯେ, ୨୦୦୦ ମସିହା ଆଗ୍‌ରୁ ରାଏଜେ ପାଖାପାଖି ଶହେ ୨୦ ନୁ ଅଏତ୍‌କା ସିନ୍‌ମାହଲ୍ ଥିଲା । ହେଲେ ୨୦୧୫ ମସିହାନୁ ରାଜ୍ୟର୍ ସିନ୍‌ମାହଲ୍‌ର ସଂଖ୍ୟା ୮୫ ନୁ ତଲ୍‌କେ ଖସିଆସିଛେ । ଇହାଦେ ରାଏଜେ ମାତରକ୍ ୫୫ ଟା ସିନ୍‌ମା ହଲ୍‌ନୁ ଚଳଚ୍ଚିତ୍ର ମାନ୍ ପ୍ରଦର୍ଶିତ୍ ହେଉଛେ ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ ସବୁ ଓଡ଼ିଆ ସିନେ ପ୍ରେମୀ ଦର୍ଶକ୍, କଳାକାର୍, ନିର୍ଦ୍ଦେଶକ୍, ପ୍ରଯୋଜକ ଆର୍ ଓଡ଼ିଆ ଚଳଚ୍ଚିତ୍ର ସାଙ୍ଗେ ଜୁଡ଼ି ହେଇଥିବା ସମ୍‌କୁ ଅଭିନନ୍ଦନ୍ ଆଉ ଶୁଭେଚ୍ଛା ଜନେଇଛନ୍ ।

ଓଡ଼ିଶା ସିନେ କ୍ରିଟିକ୍ ଏସୋସିଏସନ୍, ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ସୀତା ବିବାହ ଚଳଚ୍ଚିତ୍ରକେ ସୁର୍‌ତା କରିକରି ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ ।

ପୁଲିସ୍ ଡିଜି- ରାଉର୍‌କେଲା ଗସ୍ତ ହି.ସ.

ପୁଲିସ ବିଭାଗ୍‌ନ ଖାଲିଥିବା ୧୬ ହଜାର ୫ ଶହଟା ପଦ୍‌ବୀ ଖୋବ୍ ଜଲ୍‌ଦି ପୂରଣ୍ କରାଯିବା ଆଉ ଇଥିର୍ ଲାଗି

ପଦକ୍ଷେପ୍ ମୁଲ୍ ହେଲାନ ବଲି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର ଖୁରାନିଆ କହିଛନ୍ । ରାଉରକେଲା ଗସ୍ତଥି ଆସିକରି ଶ୍ରୀ ଖୁରାନିଆ ଭିନ୍ ଭିନ୍ ଅଧିକାରୀମାନଙ୍କ ସଙ୍ଗେ ଇଲାକାର୍ ଆଇନ୍ ଶୃଙ୍ଖଳା ଥିତି ବାବ୍‌ଦେ ଆଲୋଚନା କରିଛନ୍ । ରାଉରକେଲା ସ୍ମାର୍ଟ ସିଟି ହେବାର୍ ଉତ୍‌ରୁ ଯେନ୍ ସବୁ କାମ୍ ବାକି ପଡ଼ିଥିଲା ସେ ବାବ୍‌ଦେ କାମ୍ ଆଗ୍‌କେ ବଢ଼ାବାର୍ ଲାଗି ଆଲୋଚନା କରିଛନ୍ । ପଡ଼ୋଶୀ ରାଜ୍ୟମାନ୍‌କେ ହେଉଥିବା ଅପରାଧିକେ ନଜର୍‌ଥି ରଖିକରି ଅପରାଧ୍ ନିୟନ୍ତ୍ରଣ ଦିଗେ ସେନର୍ ଅଧିକାରୀମାନଙ୍କର୍ ଆଲୋଚନା କରି କରି ରଣନୀତି ତିଆର୍ କରାଯିବା ବଲି ଶ୍ରୀ ଖୁରାନିଆ କହିଛନ୍ ।

ଯୁଗ୍ମ ଅଭିଯୋଗ୍ ଶୁଣାଣି ସମ୍ବଲ୍‌ପୁର୍ /ସୁବର୍ଣ୍ଣପୁର /ଦେବ୍‌ଗଡ଼୍/ ନୂଆପଡ଼ା

ଭିନ୍ ଭିନ୍ ଜିଲ୍ଲା ନ ଆଏଜ୍ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକଙ୍କର୍ ଜନ ଅଭିଯୋଗ୍ ଶୁଣାଣି ହେଇଯାଇଛେ ।

ସମ୍ବଲ୍‌ପୁର୍ ଜିଲ୍ଲା ରେଢ଼ାଖୋଲ ବ୍ଲକ୍ କାର୍ଯ୍ୟାଲୟ ଠାନେ ହେଇଥିବା ଜନଶୁଣାଣିଥି ୭୩ ଟା ଅଭିଯୋଗ୍ ଆସିଥିଲା । ଇନ୍‌କେ ଆସିଥିବା ଅଭିଯୋଗ୍ ଆଉ ମୁଖ୍ୟମନ୍ତ୍ରୀଙ୍କର୍ ଜନଶୁଣାଣି ଶିବିର୍‌କେ ଆସିଥିବା ଅଭିଯୋଗ୍ ମାନ୍‌କର୍ ତୁରନ୍ତି ସମାଧାନ୍

ଲାଗି ଜିଲ୍ଲାପାଲ୍ ଆର୍ ଏସ୍‌ପି ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ନୂଆପଡ଼ା ଜିଲ୍ଲା କୋମ୍‌ନା ବ୍ଲକ୍ ସମ୍ମିଲନୀ କକ୍ଷ ନ ହେଇଥିବା ଶିବିର୍‌ଥି ୮୮ ଟା ଅଭିଯୋଗ୍ ଦାଖଲ୍ ହେଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ଉଲୁଣ୍ଡା ବ୍ଲକ୍ ଠାନେ ହେଇଥିବା ମିଲିତ୍ ଜନଶୁଣାଣିଥି ୫୮ ଟା ଅଭିଯୋଗ୍ ଆଗତ୍ ହେଇଥିଲା । ଗୁଟେ ଅଭିଯୋଗ୍‌କେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିନୁ ସାହାଜ୍ ଲାଗି ପଠାଯାଇଥିଲା ।

ଦେବ୍‌ଗଡ଼୍ ଜିଲ୍ଲା ତିଲେଇବଣି ବ୍ଲକ୍ ବୁଧିଆନାଲି ପଂଚାୟତ୍ ସମ୍ମିଲନୀ କକ୍ଷ ନ ହେଇଥିବା ଶିବିର୍‌ଥି ୪୪ ଟା ଅଭିଯୋଗ୍ ଆଗତ୍ ହେଇଥିଲା ।

ସବୁ ଶିବିର୍‌ମାନ୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ୍‌ମାନେ ଲୁକ୍‌କର୍ ଅଭିଯୋଗ୍ ମାନ୍‌କର୍ ତୁର୍‌ତି ସମାଧାନ୍ କର୍‌ବାର୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ ।

ମହାତ୍ମାଗାନ୍ଧୀଙ୍କର୍ ପ୍ରତିମୂର୍ତ୍ତି ଥାପ୍‌ନା ଉତ୍ସବ  ନୂଆପଡ଼ା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଲୋକଦୃଷ୍ଟି କଲେଜ୍ ପରିସର୍ ନ ସ୍ୱାଭିମାନ୍ ଦିବସ୍ ଅବ୍‌ସରେ ମହାତ୍ମାଗାନ୍ଧୀଙ୍କର୍ ପ୍ରତିମୂର୍ତ୍ତି ଥାପ୍‌ନା ଉତ୍ସବ୍ ପାଲନ୍ କରାଯାଇଛେ । କାର୍ଯ୍ୟକ୍ରମ୍ ମୁଲ୍ ହେବାର୍ ଖିନ୍ ଗାନ୍ଧୀଜୀଙ୍କର୍ ପ୍ରିୟ ବୈଷ୍ଣବ ଜନ ଗାନ

କରାଯାଇଥିଲା । ଅତିଥି ମାନେ ତାର୍ ଉତ୍ରୁ ଗାନ୍ଧୀଜୀଙ୍କର୍ ପ୍ରତିମୂର୍ତିକେ ଅନାବରଣ୍ କର୍ବାର୍ ସହେତେ ପୂଜାର୍ଚ୍ଚନା କରିଥିଲେ । ଗାନ୍ଧୀଜୀଙ୍କର୍ ଦର୍ଶନ୍ ଆଉ ଶିକ୍ଷାର୍ ମୂଲ୍ୟବୋଧ ଉପ୍ରେ ଛାତ୍ରଛାତ୍ରୀମାନ୍କୁ ଅତିଥିମାନେ ବୁଝେଇଥିଲେ ।

କଳିଙ୍ଗ ସୁପର୍ କପ୍ ଫୁଟ୍ବଲ୍ ଟୁର୍ଣ୍ଣାମେଂଟ/ଆର୍ଏନ୍ୟୁ ସମ୍ବଲପୁର

ଭୁବ୍ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଚାଲିଥିବା କଳିଙ୍ଗ ସୁପର୍ କପ୍ ଫୁଟ୍ବଲ୍ ଟୁର୍ଣ୍ଣାମେଂଟ୍ଥି ଆଏବା କାଏଲ୍ ସେମିଫାଇନାଲ୍ ମେଚ୍ ଖେଳାଯିବା । ୨ ଟା ସେମିଫାଇନାଲ୍ ମେଚ୍ ମୁମ୍ବାଇ ସିଟି ଏଫ୍ସି- ଜମ୍ସେଦ୍ପୁର୍ ଆର୍ ମୋହନ୍ବାଗାନ୍- ଏଫ୍ସି ଗୋଆ ଭିତ୍ରେ ହେବା । ସେଆଡ଼େ ଟୁର୍ଣ୍ଣାମେଂଟ୍ର ଫାଇନାଲ୍ ମେଚ୍ ଆଏବା ୩ ତାରିଖ୍ ଦିନ ହେବା ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜିଲ୍ଲା ନ ଆଏବା ୫ ଦିନ୍ତକ୍ କାଲ୍ବୈଶାଖୀର୍ ପ୍ରଭାବ୍ ରହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । କାଲ୍ବୈଶାଖୀର୍ ଲାଗି ତାପମାତ୍ରା ୩ ନୁ ୫

ଡିଗ୍ରୀତକ୍ କମ୍‌ବା । ପଶ୍ଚିମ ଓଡ଼ିଶା ସହେତେ ୨୦ ଟା ଜିଲ୍ଲା ନ ଘଡ଼୍‌ଘଡ଼ି ସାଙ୍ଗେ ବର୍ଷାକେ ନେଇକରି ସତର୍କ କରାଯାଇଛେ । ଇ ସମିଆ ଭିତ୍‌ରେ କେତେ ଜାଗା ନ ଘଂଟାକ ୫୦ ନୁ ୬୦ କିଲୋମିଟର୍ ବେଗଥି ପବନ୍ ବୁହିପାରେ । ସେଆଡ୍ରେ ରାଜ୍ୟର୍ ସବୁନୁ ଜହ ତାପମାତ୍ରା ଆଏଜ୍ ବଲାଙ୍ଗିର୍ ନ ୪୦ ଦଶ୍‌ମିକ୍ ୪ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ୍ କରାଯାଇଛେ । ବାକି ସବୁ ଜାଗାର୍ ତାପମାତ୍ରା ୪୦ ଡିଗ୍ରୀ ତଲେ ରହିଥିଲା ।